ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର – ୭୫୧୦୦୩

Dr. T. R. Mohanty
Nodal Officer

**ସପ୍ତାହ –୪୫**

ନ.- ୧୧୧୯ (ଓଡିଆ ବୁଲେଟିନ)
ତାରିଖ- ୧୧ .୧୧.୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ଖୋର୍ଦ୍ଧା ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୫ .୧୧ .୨୦୨୫ ରୁ ୧୧ .୧୧ .୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| 31.9 | 17.6 | Nil |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୨. ୧୧ . ୨୦୨୫ ରୁ ୧୬.୧୧ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ & ଆକାଶର ସ୍ଥିତି | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର |
| ସର୍ବାଧିକ ତାପମାତ୍ରା (°C) | 30 | 30 | 31 | 31 | 30 |
| ସର୍ବନିମ୍ନ ତାପମାତ୍ରା (°C) | 15 | 15 | 16 | 16 | 15 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | 61 | 62 | 59 | 60 | 62 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | 30 | 29 | 28 | 28 | 34 |
| ପବନର ବେଗ (କି.ମି./ଘ.) | 9 | 8 | 8 | 8 | 7 |
| ପବନର ଦିଗ | 331 | 331 | 339 | 334 | 336 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ପରିଷ୍କାର ରୁ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୭ ରୁ ୦୯ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୦ ରୁ ୩୧ ଡିଗ୍ରୀ ସେଲସିଅସ ଓ ୧୫ ରୁ ୧୬ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ❖ ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି ।
- ❖ ରବି ଫସଲ ଲଗାଇବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ।
- ❖ ଶୀତ ଦିନିଆ ପନିପରିବା ତଳିଘେରାକୁ ରାତିର କମ ତାପମାତ୍ରାରୁ ରକ୍ଷା କରିବା ପାଇଁ ପଲିଥିନ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ।
- ❖ ୩୦ ରୁ ୪୫ ଦିନର ପନିପରିବା ଚାରା ଯଥା ଟମାଟୋ, ବାଇଗଣ, ଲଙ୍କା, ଫୁଲକୋବି, ବନ୍ଧାକୋବି ଇତ୍ୟାଦି କୁ ମୁଖ୍ୟ ଜମିରେ ପ୍ରତିରୋପଣ କରି ଦିଅନ୍ତୁ ।
- ❖ ଧାନ କେଣ୍ଡା ରେ ଶତକଡା ୮୫ ଭାଗ ପାଚି ଯାଇଥିଲେ କାଟି ନିଅନ୍ତୁ । ବେଙ୍ଗଳା ପରେ ଧାନ କୁ ଭଲ ଭାବେ ଖରାରେ ଶୁଖାଇ ସାଇତି ରଖନ୍ତୁ । ବିହନ ପାଇଁ ୧୨ ଶତକଡା ପର୍ଯ୍ୟନ୍ତ ଅଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡା ପର୍ଯ୍ୟନ୍ତ ଅଦ୍ରତା ରଖନ୍ତୁ ।
- ❖ ବଜାରରେ ସୁଲଭ ମୂଲ୍ୟ ପାଇଁ ପ୍ରତ୍ୟକ କିସମ ଅଲଗା ଭାବରେ ସଫା କରି ଧାନ କୁ ସୁପର ଗ୍ରେନ ବସ୍ତାରେ ରଖନ୍ତୁ । ଅମଳ କରିଥିବା ଧାନକୁ ସଫା ଅଖାରେ ଭଲଭାବେ ପଲିଥିନ ଘୋଡେଇ ରଖନ୍ତୁ ଯେପରିକି କିଛି କ୍ଷତି ନହୁଏ ।
- ❖ ଅଧିକ ଅମଳ ପାଇବା ପାଇଁ ଚାଷୀ ଭାଇମାନଙ୍କୁ ଆଳୁର କେତୋଟି ଅଧିକ ଅମଳକ୍ଷମ କିସମ ଯଥା କୁଫ୍ରି ଜ୍ୟୋତି, କୁଫ୍ରି ବାଦଶାହା, କୁଫ୍ରି ସୁରିୟା, ଚିପସୋନା ଆଦି ଲଗାଇବାକୁ ପରାମର୍ଶ ଦିଆ ଯାଉଅଛି ।
- ❖ ଆମ ଓଡିଶାର ଜଳବାୟୁ ହିସାବରେ ଶୀତଦିନରେ ଭଲ ଅମଳ ହେଉଥିବା ପିଆଜର କେତୋଟି କିସମ ଗୁଡିକ ହେଲା Agrifound Light Red, Agrifound Dark Red, Bhima Shakti, Bhima Super ଇତ୍ୟାଦି ।
- ❖ ଉଚ୍ଚ-ମଧ୍ୟମ ଜମିରେ ମାଟିର ବତର ଦେଖି ରବି ଫସଲ ଯଥା ମୁଗ, ବିରି , ଝୁଡୁଙ୍ଗ, ମଟର, ଚିନାବାଦାମ, ରାଶି, ଏବଂ ସୂର୍ଯ୍ୟମୁଖୀ ଚାଷ କରନ୍ତୁ ।
- ❖ ପଶୁମାନଙ୍କର ଟୀକାକରଣ ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | କ୍ଷୀର ଡୋକିବା ଅବସ୍ଥା/ ପରିପକ୍ୱୋ ଅବସ୍ଥା | ❖ କେଣ୍ଡା ଅଷ୍ଟପଦୀ ପୋକ- ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Proparzite 57% EC କିମ୍ବା ୪୦୦ ମିଲି Fenazaquin 10% EC କିମ୍ବା ୪୦୦ ମିଲି Fenpyroximate 5% EC ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।<br>❖ ସାହାରା ରୋଗ – ଏହି ରୋଗର ପ୍ରତିକାର ପାଇଁ ୨ ଗ୍ରାମ କପର ହାଇଡ୍ରୋକ୍ସାଇଡ ୭୭.୨ % କିମ୍ବା ୨ ଗ୍ରାମ ଟେବୁକୋନାଜୋଲ ୨୫% କୁ ୧ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ । ସାତ ଦିନ ଅନ୍ତରରେ ପୁନର୍ବାର ସିଞ୍ଚନ କରନ୍ତୁ । |
| ମୁଗ ଓ ବିରି | ବୁଣିବା ପୂର୍ବ ଅବସ୍ଥା | ❖ ଅଧିକ ଅମଳକ୍ଷମ ବିରି କିସମ ଯଥାଟି ୯ -, ପିୟୁ ୧୧,ପିୟୁ ୧୯,ପିୟୁ ୩୦ ଏବଂ ମୁଗ କିସମ ଯଥାକେ ୮୫୧ -, ପିଡିଏମ ୧୧, ପିଡିଏମ ୫୪, ଓୟୁଏମ ୧୧୫ ଏକର ପ୍ରତି ୧୦ କେଜି ହିସାବ ରେ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ରାଇଜୋବିୟମ କଲଚରରେ ବିଶୋଧନ କରନ୍ତୁ । |
| ଚିନାବାଦାମ | ବୁଣିବା ପୂର୍ବ ଅବସ୍ଥା | ❖ ଚିନାବାଦାମ ଚାଷ ପାଇଁ ଓଡିଶାର ଜଳବାୟୁ ପାଇଁ ଉପଯୁକ୍ତ କିସମକଳିଙ୍ଗ ଚିନାବାଦାମ ୧୦୧ -,ଦେବୀ, କାଦ୍ରି-୬, କାଦ୍ରି -୯, TG-37A, TAG-51,TAG-38, TAG-24, ସ୍ମୃତି, CO-7, ଧରଣୀ ଆଦି ଚୟନ କରନ୍ତୁ । ଏକର ପ୍ରତି ୪୦-୫୦ କିଲୋଗ୍ରାମ ଚୋପା ଛଡା ବିହନ ବୁଣିବା ପାଇଁ ଆବଶ୍ୟକ ହୋଇଥାଏ । |
| ସୋରିଷ | ବୁଣିବା ପୂର୍ବ ଅବସ୍ଥା | ❖ ଏକ ଏକର ଚାଷ ପାଇଁ ୨-କେଜି ସୋରିଷ ବିହନ ଆବଶ୍ୟକ ହୋଇଥାଏ। ବିହନ ବୁଣିବା ପୂର୍ବ ରୁ ଏକ କିଲୋଗ୍ରାମ ବିହନରେ ୨ -ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩-ଗ୍ରାମ Carboxin ଏବଂ Thiram ର ମିଳିତ ଫିମ୍ପିନାଶକ ବିହନ ରେ ଗୋଳାଇ ବିଶୋଧନ କରନ୍ତୁ। ଜମିକୁ ୩ ରୁ ୪ ଓଡ ଚାଷ କରି ଏକର ପ୍ରତି ୨-ଟନ ଶଢା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୧୦୦ କିଲୋଗ୍ରାମ Gypsum ସାର ପ୍ରୟୋଗ କରନ୍ତୁ। |
| ଆଖୁ | ଅଙ୍ଗୀୟ ଅଭିବୃଦ୍ଧି – ପରିପକ୍ୱୋ ଅବସ୍ଥା | ❖ ନାଲି ଶଢା ରୋଗ<br>ଆଖୁ ରେ ନାଲି ଶଢା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ carbendazim ଏବଂ mancozeb ର ମିଳିତ ଫିମ୍ପିନାଶକ କିମ୍ବା ୪୦୦ ଗ୍ରାମ Metalaxyl ଏବାଂ mancozeb ର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| | | |
|---|---|---|
| ବାଇଗଣ | ଫଳ ଧରିବା ଅବସ୍ଥା | ❖ ବାଇଗଣ ରେ ଫଳ ବିନ୍ଧା ପୋକ ର ପରିଚାଳନା ନିମନ୍ତେ ଚାଷୀଭାଇ ମାନେ ଏକର ପିଛା ୮ ଟି ଫେରୋମୋନ ଯନ୍ତା ଲଗାନ୍ତୁ। ରାସାୟନିକ ଉପାୟରେ ନିୟନ୍ତ୍ରଣ ନିମନ୍ତେ ୧.୫ ମିଲିଗ୍ରାମ ସ୍ପିନୋସାଡ କୁ ପ୍ରତି ୪ ଲିଟର ପାଣିରେ କିମ୍ବା ୧୦ ଲିଟର ପାଣିରେ ଇମାମେକ୍ଟିନବେଞ୍ଜୋଏଟ୍ ୫% ଏସ୍.ଜି. ୦.୪ ଗ୍ରା. କିମ୍ବା ୨ ମି.ଲି ଥିଓଡିକାର୍ବ ୭୫% ଡବ୍ଲୁ.ପି କୁ ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| ଲଙ୍କା | ଅଙ୍ଗୀୟ ଅଭିବୃଦ୍ଧି ରୁ ଫଳ ଧରିବା ଅବସ୍ଥା | ❖ ଉକୁଣିଆ ପୋକର ପରିଚାଳନା ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ଲିଟର ପାଣିରେ ଇମାମେକ୍ଟିନବେଞ୍ଜୋଏଟ୍ ୫% ଏସ୍.ଜି. ୦.୪ ଗ୍ରା. କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୨ ମି.ଲି. କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୦.୩୫ ମି.ଲି ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ। |
| ଆଳୁ | ଲଗାଇବା ପୂର୍ବ ଅବସ୍ଥା | ❖ ଆଳୁ ଲଗାଇବା ଆଗରୁ ବିହନ ଆଳୁକୁ ବିଶୋଧନ କରନ୍ତୁ । ବିହନ ଆଳୁ ବିଶୋଧନ ପାଇଁ ପ୍ରଥମେ୬୦୦-ଗ୍ରାମ Carbendazimଓ Mancozebର ମିଶ୍ରିତ ଫିମ୍ପିନାଶକ ତାହାକୁ, ୧୦୦-ଲିଟର ପାଣିରେ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ। ବିହନ ଆଳୁଖଣ୍ଡକୁ ଏହି ଦ୍ରବଣ ରେ ୨୦ ରୁ ୨୫ ମିନିଟ ବୁଡାଇ ରଖନ୍ତୁ। ଏହା ପରେବିହନ ଆଳୁକୁ କାଢି ଭଲ ଭାବରେ ପାଣି ନିଗିଡି ଗଲାପରେ ଛାଇରେ ୨ ରୁ ୪ଘଣ୍ଟା ଶୁଖାଇମୁଖ୍ୟ ଜମିରେ ଲଗାନ୍ତୁ। |
| କୋବି ଜାତୀୟ ପନିପରିବା | ଅଙ୍ଗୀୟ ଅଭିବୃଦ୍ଧି ଅବସ୍ଥା | ❖ ସାର ପରିଚାଳନା<br>ଫୁଲକୋବି ଓ ବନ୍ଧାକୋବି ଚାରା ଲଗେଇବାର 15-20 ଦିନ ମଧ୍ୟରେ କୋଡା ଖୋସା କରି ଘାସ ବାଛି ଦିଅନ୍ତୁ ଏବଂ ଏକର ପ୍ରତି 33 କିଲୋଗ୍ରାମ ୟୁରିଆ ସାର ସହ 23 କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୋୟୋଗ କରନ୍ତୁ। ଫସଲ ଯଦି 30-35 ଦିନ ରେ ହୋଇଗଲେ ଆଉଥରେ ଏକର ପ୍ରତି 33 କିଲୋଗ୍ରାମ ୟୁରିୟା ସାର ସହ 23 କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୋୟୋଗ କରନ୍ତୁ । ଚାରା ଲଗାଇବା ସମୟରେ ଯଦି boron ପ୍ରୋୟାଗ କରିନାହାନ୍ତି ତେବେ ଚାରା ରୋପଣ ର 2 ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ଦୁଇ ସପ୍ତାହ ପୂର୍ବରୁ ଏକର ପ୍ରତି 4 କିଲୋଗ୍ରାମ Borax କିମ୍ବା ପ୍ରତି ଲିଟର ପାଣିରେ 1-1.5 ଗ୍ରାମ Folibor ମିଶାଇ ପତ୍ରସିଞ୍ଚନ କରନ୍ତୁ । |
| କଦଳୀ | ଫଳ ଅବସ୍ଥା | ❖ କଦଳୀ କାନ୍ଦି ଅମଳ ଯୋଗ୍ୟ ହୋଇଥିଲେ, ଅମଳ କରି ସୁରକ୍ଷିତ ସ୍ଥାନ ରେ ରଖନ୍ତୁ।<br>❖ ଧଳା ମାଛି କିମ୍ବା ଉକ୍କୁଣିଆ ପୋକ ଦେଖା ଦେଲେ,Imidachloprid @ 1ml/ltସିଞ୍ଚନ କରନ୍ତୁ। |
| ପଶୁ ସମ୍ପଦ | ❖ ଶୀତ ଋତୁ ରେ ଗାଈଗୋରୁ ମାନଙ୍କୁ ପ୍ରତିଦିନ mineral mixture ସହ ଲୁଣ, ଚୋକଡ ଓ ଗୁଡ @ ୧୦ ରୁ ୨୦ ଶତକଡା ମିଶାଇ ଖାଇବାକୁ ଦିଅନ୍ତୁ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା, ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)
(iOS: https://apps.apple.com/in/app/meghdoot/id1474048155)